

ପ୍ରିୟ ଓ ମିଠାକଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।
- ଚାଣକ୍ୟ



# ସମ୍ବଲପୁରରେ ଭାଜପା ୨, ବିଜେଡି ୨

**ସମ୍ବଲପୁର, ୨୩।୫ (ବ୍ୟୁରୋ)**

ସମ୍ବଲପୁର ଜିଲାରେ ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଥିବା ବେଳେ ଭାଜପା ୨ ଓ ବିଜେଡି ୨ଟି ଆସନରେ ବିଜୟୀ ହୋଇଛି । ସମ୍ବଲପୁରରେ ଭାଜପାରୁ ଜୟନାରାୟଣ ମିଶ୍ର, ରେଙ୍ଗାଲିରେ ଭାଜପାର ନାଉରୀ ନାୟକ, କୁଚିଣ୍ଡାରେ ବିଜେଡିର କିଶୋର ନାୟକ ବିଜୟୀ ହୋଇଛନ୍ତି। ସେହପିରି ବିଜେଡି ପ୍ରାର୍ଥୀ ରୋହିତ ପୂଜାରୀ ପୁଣି ଥରେ ରେଢ଼ାଖୋଲ ଗଡ ସୁରକ୍ଷିତ ରଖିଛନ୍ତି । ସମ୍ବଲପୁର ମହିଳା କଲେଜରେ ଗୁରୁବାର ରେଙ୍ଗାଲି ଓ ସମ୍ବଲପୁର ବିଧାନସଭା ଆସନ ପାଇଁ ଭୋଟ ଗଣତି ହୋଇଥିଲା । ସେହିଭଳି କୁଚିଣ୍ଡା ସରକାରୀ କଲେଜରେ କୁଚିଣ୍ଡା ବିଧାନ ସଭା ଓ ରେଢାଖୋଲ ବିଧାନ ସଭା ଆସନ ପାଇଁ ରେଢ଼ାଖୋଲ ଭୀମଭୋଇ କଲେଜରେ ମଧ୍ୟ ଭୋଟ ଗଣିତ ହୋଇଥିଲା । ସମ୍ବଲପୁର ଓ ରେଙ୍ଗାଲି ବିଧାନସଭା ପାଇଁ ମହିଳା କଲେଜରେ ସକାଳ ୮ଟାରୁ ଭୋଟ ଗଣତି ପକ୍ରିୟା ଆରମ୍ଭ କରାଯାଇଥିଲା। ରିଟର୍ଣ୍ଣିଂ ଅଫିସର ଓ ପର୍ଯ୍ୟବେକ୍ଷକ ଷ୍ଟ୍ରଙ୍ଗ ରୁମରୁ ଇଭିଏମ ଓ ଭିଭିପିଏଟ ଗୁଡିକ ଯାଞ୍ଚ କଲାପରେ ଗଣତି ଟେବୁଲକୁ ନିଆଯାଇଥିଲା । ପ୍ରଥମେ ପୋଷ୍ଟାଲ ଭୋଟ ଗଣତି ହେବା ପରେ ତାପରେ ଇଭିଏମରୁ ଭୋଟ ଗଣତି ଆରମ୍ଭ ହୋଇଥିଲା ।

ସମ୍ବଲପୁର ବିଧାନସଭାରେ ଭାଜପା ପ୍ରାର୍ଥୀ ଜୟନାରାୟଣ ମିଶ୍ର ମୋଟ ୫୬,୮୬୨ ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡି ପ୍ରାର୍ଥୀ ରାସେଶ୍ୱରୀ ପାଣିଗ୍ରାହୀ ୫୨,୫୬୬ ଭୋଟ ପାଇଥିଲେ । ଜୟନାରାୟଣ ମିଶ୍ର ମୋଟ ୪,୨୯୬ ଭୋଟରେ ବିଜୟୀ ହୋଇଛନ୍ତି । ସେହିପରି କଂଗ୍ରେସର ଡା. ଅଶ୍ୱିନୀ କୁମାର ପୂଜାହାରୀ ୧୧,୫୪୭, ବହୁଜନ ସମାଜ ପାଟ୍ରି ପ୍ରାର୍ଥୀ ଦିଲୀପ ସିଂ ୨୦୭୨, ଲଛମନ କୁମାର ଭୋଇ ୨୩୧, ଜୟବ୍ରତ ଦେ ୧୮୫୪, ପ୍ରଭାଶ ପୃଷ୍ଟି ୩୯୯, ଜୟଶ୍ରୀ ମିଶ୍ର ୩୦୯, ପ୍ରଜ୍ଞା ପଟ୍ଟନାୟକ ୬୪୯ ଭୋଟ ପାଇଥିଲେ। ନୋଟାରେ ୧୨୪୫ ଭୋଟ ପଡିଥିଲା। ସମ୍ବଲପୁର ବିଧାନସଭା ପାଇଁ ମୋଟ ୧୯ଟି ରାଉଣ୍ଡରେ ଭୋଟ ଗଣତି ହୋଇଥିଲା । ପ୍ରଥମେ ବୁର୍ଲା, ହୀରାକୁଦ, ସମ୍ବଲପୁର ସହର ବିଭିନ୍ନ ବୁଥ୍ ଗୁଡିକରେ ଫଳାଫଳ ପ୍ରକାଶ ପାଇଥିଲା । ପ୍ରଥମେ କିଛି ରାଉଣ୍ଡରେ ବିଜେଡି ପ୍ରାର୍ଥୀ ପାଣିଗ୍ରାହୀ ଆଗୁଆ ଥିବା ବେଳେ ପରେ ଭାଜପା ପ୍ରାର୍ଥୀ ଜୟ ନାରାୟଣ ମିଶ୍ର ଆଗୁଆ ରହି ବିଜୟୀ ହୋଇଥିଲେ।

# ୫ବର୍ଷ ପରେ ଫେରିଲେ ଜୟନାରାୟଣ

**ସମ୍ବଲପୁର, ୨୩।୫ (ବ୍ୟୁରୋ)**

ସମ୍ବଲପୁର ଜନସାଧାରଣ ପୁଣି ଥରେ ମୋତେ ତାଙ୍କ ସେବା କରିବାର ସୁଯୋଗ ଦେଇଛନ୍ତି । ଏହା ମୋର ବିଜୟ ନୁହେଁ, ଏହା ସମ୍ବଲପୁରବାସୀଙ୍କ ବିଜୟ। ମୁଁ ଦଳର ନିମିତ୍ତ ମାତ୍ର । ଭାଜପା କର୍ମକର୍ତ୍ତା ଉତ୍ସାହ ଓ ପରିଶ୍ରମ କରି ନିର୍ବାଚନରେ ବିଜୟୀ କରିବା ପାଇଁ ଚେଷ୍ଟା କରିଥିଲେ। ପୂର୍ବରୁ ସମ୍ବଲପୁରବାସୀ ୩ଥର ସେବା କରିବା ସୁଯୋଗ ଦେଇଥିଲେ । ପୁଣି ଥରେ ସୁଯୋଗ ଦେଲେ। ଏବେ ବାକି ରହିଥିବା କାମ ଗୁଡିକ ସଂପୂର୍ଣ୍ଣ କରାଯିବ। ସମ୍ବଲପୁରକୁ ସୁନ୍ଦର ସହରରେ ପରିଣତ କରାଯିବ । ସମ୍ବଲପୁରର ସମସ୍ତ ବର୍ଗର ଜନସାଧାରଣଙ୍କ ସହିତ ମିଶି କାମ କରାଯିବ । ପ୍ରତ୍ୟେକ ୱାର୍ଡରେ ପରାମର୍ଶ କମିଟି ଗଠନ କରାଯିବ । ଲୋକଙ୍କ ସ୍ୱୀକୃତି ଓ ଯୋଜନା ମୁତାବକ ଉନ୍ନୟନ କାମ କରାଯିବ। ରାଜନୈତିକ ଭେଦଭାବ ନ ରଖି ସମ୍ବଲପୁରର ସର୍ବାଙ୍ଗୀନ ଉନ୍ନତି କରାଯିବ ବୋଲି ବିଜୟୀ ହୋଇଥିବା ପୂର୍ବତନ ମନ୍ତ୍ରୀ ତଥା ଭାଜପା ପ୍ରାର୍ଥୀ ଜୟନାରାୟଣ ମିଶ୍ର ଏହା କହିଛନ୍ତି ।



ସମ୍ବଲପୁରରେ ସମର୍ଥକଙ୍କ ଗହଣରେ ଭାଜପାର ବିଜୟୀ ପ୍ରାର୍ଥୀ ଜୟନାରାୟଣ ମିଶ୍ର।

# ଦେବଗଡ଼: ଆସନ ବଜାୟ ରଖିଲା ଭାଜପା

ଦେବଗଡ଼,୨୩।୫(ସ୍ୱ.ପ୍ର)

ଦେବଗଡ ଜିଲାର ଏକ ମାତ୍ର ନିର୍ବାଚନ ମଣ୍ଡଳୀରୁ ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ ସୁବାଷ ଚନ୍ଦ୍ର ପାଣିଗ୍ରାହୀ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡିର ରୋମାଞ୍ଚକ ରଞ୍ଜନ ବିଶ୍ୱାଳଙ୍କଠାରୁ ୬୮୭୮ ଭୋଟ ଅଧିକ ପାଇଛନ୍ତି। ସୁବାଷ ୭୪୦୫୫ ଖଣ୍ଡ ଭୋଟ ପାଇଥିବା ବେଳେ ରୋମାଞ୍ଚକ ରଞ୍ଜନ ୬୭୧୭୭ ଏବଂ କଂଗ୍ରେସର ପ୍ରାର୍ଥୀ ଉମା ଶଙ୍କର ସାହୁ ୨୭୩୬୭ ଖଣ୍ଡ ଭୋଟ ପାଇଛନ୍ତି। ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ୧୯ ନଂ ଦେବଗଡ ବିଧାନସଭାର ଗଣତି ପଲିଟେକ୍ନିକ୍ କଲେଜଠାରେ ସକାଳ ୮ଠାରୁ ଗଣତି ଆରମ୍ଭ ହୋଇ ୯ଟା୩୦ ପର୍ଯ୍ୟନ୍ତ ଚାଲିଥିଲା। ସର୍ବମୋଟ ୨୫ ରାଉଣ୍ଡ ହୋଇଥିଲା । ପୋଷ୍ଟାଲ ବାଲଟ ୬୬୯ ରିସିଭ ହୋଇଛି। ସେଥି ମଧ୍ୟରୁ ୩୫୪ଟି ନାକଚ ହେଇଥିବା ବେଳେ ୩୧୪ ଖଣ୍ଡ ଭୋଟ ଠିକି ଅଛି । କିନ୍ତୁ କିଏ କେତେ ଭୋଟ ପାଇଛି ତାହା ସୂଚନା ମିଳିନାହିଁ । ଏପଟେ ସୁବାଷ ଚନ୍ଦ୍ର ପାଣିଗ୍ରାହୀ ବିଜୟ ପରେ କର୍ମୀମାନଙ୍କୁ ମିଠା ଖୁଆଇଛନ୍ତି।



ସୁବାସ ଚନ୍ଦ୍ର ପାଣିଗ୍ରାହୀ ବିଜୟ ପରେ କର୍ମୀମାନଙ୍କୁ ମିଠା ଖୁଆଉଛନ୍ତି।

# ରେଢ଼ାଖୋଲରୁ ପୁଣି ଜିତିଲେ ରୋହିତ ପୂଜାରୀ

**ରେଢ଼ାଖୋଲ, ୨୩।୫ (ଡି.ଏନ.ଏ.)**

ସମ୍ବଲପୁର ଲୋକସଭା ଅଧୀନ ରେଢ଼ାଖୋଲ ବିଧାନସଭା ଆସନରେ ବିଜୁ ଜନତା ଦଳର ପ୍ରାର୍ଥୀ ରୋହିତ ପୂଜାରୀ ବିଜୟୀ ହୋଇଛନ୍ତି । ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ କଂଗ୍ରେସ ପ୍ରାର୍ଥୀ ଆସଫ ଅଲ୍ଲିଖାନ୍‌ଙ୍କୁ ୧୪ ହଜାର ୬୭୫ ଭୋଟରେ ପରାଜିତ କରିଛନ୍ତି । ଭାଜପା ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର ତୃତୀୟ ସ୍ଥାନରେ ରହିଛନ୍ତି । ରୋହିତ ସମୁଦାୟ ୫୭ ହଜାର ୧୪ ଖଣ୍ଡ ଭୋଟ ପାଇଥିବା ବେଳେ କଂଗ୍ରେସର ଆରଫ ଅଲ୍ଲିଖାନ୍ ୪୨ ହଜାର ୩୩୯ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଭାଜପାର ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର ୪୧ ହଜାର ୮୩୭ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି । ସେହିପରି ବହୁଜନ ସମାଜ ପାର୍ଟିର ପ୍ରାର୍ଥୀ ସଙ୍କେତ ବହିଦାର ୯ଶହ ୩୮ ଖଣ୍ଡ, ଆପ ପ୍ରାର୍ଥୀ ଅନନ୍ଦ ସାମଲ ୧୩୫୮ ଖଣ୍ଡ, ପଶ୍ଚିମାଞ୍ଚଳ ବିକାଶ ପାର୍ଟିର ପ୍ରାର୍ଥୀ ଜନକରାମ ରଣା ୪୫୬ ଖଣ୍ଡ, ସ୍ୱାଧୀନ ପ୍ରାର୍ଥୀ ଜୟଲାଲ ବେହେରା ୧୭୧୨ ଖଣ୍ଡ ଓ ଅନ୍ୟତମ ସ୍ୱାଧୀନ ପ୍ରାର୍ଥୀ ସମର କୁମାର ପ୍ରଧାନ ୨୭୦୩ ଖଣ୍ଡ ଭୋଟ ପାଇ ଥିବା ବେଳେ ନୋଟାକୁ ଯାଇଛି ୧୭୨୨ ଖଣ୍ଡ ଭୋଟ । ରେଢ଼ାଖୋଲ ବିଧାନସଭା ଆସନରେ ସମୁଦାୟ ୮ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ରହିଥବାବେଳେ ବିଜେଡିର ରୋହିତ ତାଙ୍କ ଆସନ ବଜାୟ ରଖିଛନ୍ତି । ଗୁରୁବାର ସକାଳ ୬ଟାରୁ ସ୍ଥାନୀୟ ଭୀମ ଭୋଇ ମହାବିଦ୍ୟାଳୟରେ କଡା ସୁରକ୍ଷା ମଧ୍ୟରେ ଭୋଟ ଗଣତି ଆରମ୍ଭ ହୋଇଥିଲା । ନିର୍ବାଚନ ଅଧିକାରୀ ତଥା ରେଢ଼ାଖୋଲ ଉପଜିଲାପାଳ ବିଶିକୋନ ଦେହୁରୀଙ୍କ ତତ୍ତ୍ୱାବଧାନରେ ଗଣତି ହୋଇଥିଲା । ସମୁଦାୟ ୧୦ଟି ଟେବୁଲରେ ଗଣତି ହୋଇଥିବା ବେଳେ ୩୬ ରାଉଣ୍ଡ ଗଣତି ହୋଇଥିଲା । ଚଳିତ ନିର୍ବାଚନରେ ସମୁଦାୟ ୧ଲକ୍ଷ ୫୧ ହଜାର ୪୮୪ ଜଣ ଭୋଟର ମତାଦାନ କରିଥିବା ବେଳେ ଏମାନଙ୍କ ମଧ୍ୟରୁ ୭୫୩୬୧ ମହିଳା ଓ ୭୬୧୨୦ ଜଣ ପୁରୁଷ ଓ ୩ ଜଣ କିନ୍ନର ମତଦାନ କରିଥିଲେ । ଗୁରୁବାର ଘୋଷିତ ଭୋଟ ଗଣତିର ଫଳାଫଳରେ ୧ଲକ୍ଷ ୫୧ ହଜାର ୦୭୯ ହୋଇଥିବା ବେଳେ ୪୦୫ ପୋଷ୍ଟାଲ ଭୋଟ ଜରିଆରେ ମତଦାନ ହୋଇଛି । ସେହିପରି ସମ୍ବଲପୁର ଲୋକସଭା ଆସନର ପ୍ରାର୍ଥୀ ନଳିନୀକାନ୍ତ ପଧାନ ରେଢ଼ାଖୋଲ ବିଧାନସଭା ଆସନରୁ ସମୁଦାୟ ୫୬,୧୩୫ ଭୋଟ ପାଇଥବା ବେଳେ ଭାଜପା ପ୍ରାର୍ଥୀ ନିତେଶ ଗଙ୍ଗଦେବ ୫୨,୩୦୧ ଭୋଟ ପାଇଛନ୍ତି । କଂଗ୍ରେସ ପ୍ରାର୍ଥୀ ଶରତ କୁମାର ପଟ୍ଟନାୟକ ୩୩,୦୧୪ ଖଣ୍ଡ ଭୋଟ ପାଇଛନ୍ତି । ଗଣତି ବେଳେ ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ବିଜୁ ଜନତା ଦଳ ପ୍ରାର୍ଥୀ ରୋହିତ ପୂଜାରୀ ବିଜୟୀ ଘୋଷିତ ହେବାପରେ ତାଙ୍କ ସମର୍ଥକମାନେ ରାତି ପ୍ରାୟ ୧୧ଟା ବେଳେ ଫୋଟକା ଫୁଟାଇ ବିଜୟ ଉତ୍ସବ ପାଳିଛନ୍ତି ।

# କୁଚିଣ୍ଡାରେ ବିଜେଡିର କିଶୋର ନାଏକ



ସମର୍ଥକଙ୍କ ଗହଣରେ କୁଚିଣ୍ଡା ବିଧାନସଭା ଆସନର ବିଜୟୀ ବିଜେଡି ପ୍ରାର୍ଥୀ କିଶୋର ନାଏକ।

**ବାମରା, ୨୩।୫ (ସ୍ୱ.ପ୍ର.)**

କୁଚିଣ୍ଡାରେ ଭାଜପାର ରବି ନାରାୟଣ ନାଏକଙ୍କୁ ହରାଇ ବିଜେଡିର କିଶୋର ଚନ୍ଦ୍ର ନାଏକ ବିଜୟୀ ହୋଇଛନ୍ତି । କିଶୋରଙ୍କୁ ୭୨,୪୪୦ ଖଣ୍ଡ ଭୋଟ ମିଳିଥିବା ବେଳେ ରବି ନାଏକଙ୍କୁ ୬୮,୫୪୦ ଖଣ୍ଡ ଭୋଟ ମିଳିଛି। କଂଗ୍ରେସ ପ୍ରାର୍ଥୀ ଥିବା ଶୋଭାରାମ ପ୍ରଧାନଙ୍କୁ ମାତ୍ର ୨୪, ୬୯୬ ଖଣ୍ଡ ଭୋଟ ମିଳିଛି। ବିଏସପିର ରଥ ମୁଣ୍ଡାଙ୍କୁ ୧୯୧୪, ଆମ ଆଦମୀ ପାର୍ଟିର ଅଭିଲାଷ ପ୍ରଶାନ୍ତ ମାନକି ୯୫୦, ହିନ୍ଦୁସ୍ତାନ ନିର୍ମାଣ ଦଳର ପଦ୍ମିନୀ ଭୋଇ ୭୮୪, ସ୍ୱାଧୀନ ପ୍ରାର୍ଥୀ ଶଙ୍କର ବାଘଙ୍କୁ ୧୧୦୨ଟି ଭୋଟ ମିଳିଛି। ନୋଟାରେ ମୋଟ ଭୋଟର ୧.୬୧ ପ୍ରତିଶତ ହାରରେ ମୋଟ ୨୭୯୭ ଖଣ୍ଡ ଭୋଟ ପଡିଛି । ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହୋଇଥିଲା। ୨୬୪ଟି ବୁଥ୍ ପାଇଁ ୩୮ ରାଉଣ୍ଡ ଭୋଟ ଗଣତି ଫଳାଫଳ ପ୍ରକାଶ ପାଇଥିଲା । ପୋଷ୍ଟାଲ ଭୋଟ ୧୨୫୧ରୁ ବିଜେଡିକୁ ୧୬୧ ଓ ଭାଜପାକୁ ୫୫୩ ମିଳିଥିବା ବେଳେ ବିଜେଡିର କିଶୋର ନାଏକଙ୍କ ମୋଟ ଭୋଟ ସଂଖ୍ୟା ୭୨,୬୦୧ ଓ ନିକଟତମ ପ୍ରତିଦ୍ୱନ୍ଦୀ ଭାଜପାର ରବିନାରାୟଣ ନାୟକଙ୍କୁ ୬୯,୦୯୩ ଖଣ୍ଡ ଭୋଟ ମିଳିଥିଲା। ଫଳରେ ଭୋଟର ବିଜୟ ବ୍ୟବଧାନ ୩୫୦୮ ରହି ବିଜେଡିର କିଶୋର ଚନ୍ଦ୍ର ନାଏକ ବିଜୟୀ ହୋଇଥିଲେ।

## ଭାଜପା ପାଇଁ ମହିଳା କଲେଜ ଶୁଭ

ସମ୍ବଲପୁର ଅଫିସ, ୨୩।୫– ସମ୍ବଲପୁର ଓ ରେଙ୍ଗାଲି ବିଧାନସଭା ନିର୍ବାଚନୀ ମଣ୍ଡଳୀ ଭୋଟ ଗଣତି ସରକାରୀ ମହିଳା କଲେଜରେ ଅନୁଷ୍ଠିତ ହୋଇଥିଲା। ମହିଳା କଲେଜ ଭାଜପା ଦଳ ପାଇଁ ଶୁଭ ବୋଲି କର୍ମୀ ଓ ନେତାଙ୍କ ମଧ୍ୟରେ ଚର୍ଚ୍ଚା ହେଉଥିଲା । ଏହି କେନ୍ଦ୍ରରେ ଗଣତି ଯୋଗୁ ଭାଜପାର ସମ୍ବଲପୁର ବିଧାନସଭା ମଣ୍ଡଳୀର ପ୍ରାର୍ଥୀ ଜୟନାରାୟଣ ମିଶ୍ର ବିଜୟୀ ହୋଇଛନ୍ତି । ସେହିପରି ଭାଜପାର ରେଙ୍ଗାଲି ବିଧାନସଭା ପ୍ରାର୍ଥୀ ନାଉରୀ ନାଏକ ମଧ୍ୟ ବିଜୟୀ ହୋଇଛନ୍ତି ବୋଲି କର୍ମୀଙ୍କ ବିଶ୍ୱାସ।

## ବିଜେଡି କର୍ମୀଙ୍କ ଉତ୍ସାହ ଫିକା ପଡିଲା

ସମ୍ବଲପୁର ବିଧାନସଭା ନିର୍ବାଚନୀ ମଣ୍ଡଳୀ ବୁର୍ଲା ଅଞ୍ଚଳର କେତୋଟି ବୁଥ୍‌ର ଫଳାଫଳ ପ୍ରଥମେ ଘୋଷଣା ହୋଇଥିଲା । ଏଥିରେ ବିଜେଡି ପ୍ରାର୍ଥିନୀ ରାସେଶ୍ୱରୀ ପାଣିଗ୍ରାହୀ ଆଗୁଆ ରହିଥିଲେ । ଏହାକୁ ନେଇ ଭୋଟ ଗଣତି କେନ୍ଦ୍ରର କିଛି ଦୂରରେ ଥିବା ବିଜେଡି ଅସ୍ଥାୟୀ ଶିବିରରେ ଉତ୍ସାହ ଦେଖିବାକୁ ମିଳିଥିଲା । ଏପରିକି ନେତା ଓ କର୍ମୀମାନେ ରାସ୍ତାରେ ବାଣ ଫୁଟାଇବା ଦେଖା ଯାଇଥିଲା । ହେଲେ ଏହାକୁ ନେଇ ନିକଟରେ ଥିବା ଭାଜପା ଶିବିରରେ ଉତ୍ତେଜନା ପ୍ରକାଶ ପାଇଥିଲା । ପୋଲିସର ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡିଥିଲା । ହେଲେ ଫଳାଫଳର ଶେଷ ରାଉଣ୍ଡ ସମୟରେ ବିଜେଡି ଶିବିର ଖାଲି ପଡିବାକୁ ମିଳିଥିଲା । କିଛି କର୍ମକର୍ତ୍ତା ଉପସ୍ଥିତ ରହିଥିବା ବେଳେ ଉତ୍ସାହିତ କର୍ମୀଙ୍କ ଦେଖା ମିଳି ନ ଥିଲା ।

## ବହୁ ବର୍ଷ ପରେ ନାଉରିଙ୍କ ବିଜୟ

ରେଙ୍ଗାଲି ବିଧାନସଭା ନିର୍ବାଚନୀ ମଣ୍ଡଳୀରୁ ଭାଜପାର ବିଜୟୀ ପ୍ରାର୍ଥୀ ନାଉରୀ ନାଏକଙ୍କ ଶେଷରେ ରାଜନୈତିକ ବିଜୟ ହୋଇଛି । ବହୁ ବର୍ଷ ରାଜନୈତିକ ସଂଗ୍ରାମ କରି ବିଧାନସଭା ସିଟ୍‌ରେ ସ୍ୱାଧୀନ ଓ ଦଳୀୟ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ପରାଜୟ ହୋଇଥିଲେ । ଏପରିକି ଗତ ୨୦୧୪ ନିର୍ବାଚନରେ ରେଙ୍ଗାଲିରୁ ଭାଜପା ଦଳର ପ୍ରାର୍ଥୀ ହୋଇ ପ୍ରାୟ ୧୮ଶହ ଭୋଟରେ ପରାଜିତ ହୋଇଥିଲେ । ସଂଘର୍ଷ କରି ୫ବର୍ଷରେ ଦଳୀୟ ସଂଗଠନ ମଜବୁତ କରି ୨୦୧୯ରେ ବିଜୟୀ ହୋଇଛନ୍ତି । ତାଙ୍କ ବହୁ ବର୍ଷର ରାଜନୈତିକ ସଂଗ୍ରାମର ବିଜୟୀ ହୋଇଛନ୍ତି ବୋଲି ସମର୍ଥକମାନେ କହୁଥିଲେ ।

## ଭୋଟ ଗଣତି ପାଇଁ ରାସ୍ତା ଖାଁ ଖାଁ

ସାଧାରଣ ନିର୍ବାଚନ ଫଳାଫଳକୁ ନେଇ ନେତା ଯେତେ ଆଶାୟୀ ରହିଥିଲେ ସେତିକି ଦଳୀୟ କର୍ମକର୍ତ୍ତା ଓ ଜନସାଧାରଣଙ୍କ ମଧ୍ୟରେ ଉତ୍କଣ୍ଠା ରହିଥିଲା । ଏଣୁ ରାସ୍ତା ଶୂନଶାନ ରହିଥିଲା । ଟିଭି ଓ ସୋସିଆଲ ମିଡିଆରେ ଆସୁଥିବା ଫଳାଫଳକୁ ନେଇ ଲୋକେ ଚାହିଁ ବସିଥିଲେ ।

## ଅଦିନିଆ ହୋଲି ଖେଳ

ସମ୍ବଲପୁର ମହିଳା କଲେଜରେ ହେଉଥିବା ଭୋଟ ଗଣତି କେନ୍ଦ୍ର ସମ୍ମୁଖରେ ଦିନ ତମାମ ଭିଡ ଲାଗି ରହିଥିଲା । ହେଲେ ଅପରାହ୍ନ ୪ଟାରୁ ଲୋକଙ୍କ ସଂଖ୍ୟା ବଢ଼ିବାରେ ଲାଗିଲା । ଏକ ମେଳା କିମ୍ବା ଯାତ୍ରା ଭଳି ହଜାର ହଜାର ସଂଖ୍ୟାରେ ଲୋକ ଠୁଳ ହୋଇଥିଲେ । ଭାଜପା ଢୁଲଢୁଲି ତାଳେ ତାଳେ ଫୋଟକା ଫୁଟାଇ ଉତ୍ସାହ ମନାଇଥିଲା। ଅଦିନିଆ ହୋଲି ଖେଳ ବି ଦେଖିବାକୁ ମିଳିଥିଲା । ଭାଜପା କର୍ମକର୍ତ୍ତା ପରସ୍ପରକୁ ରଙ୍ଗ ଲଗାଇ ଥିଲେ।



ସମର୍ଥକଙ୍କ ଗହଣରେ ଭାଜପାର ବିଜୟୀ ପ୍ରାର୍ଥୀ ନାଉରି ନାଏକ।

# ଭାଜପା ହାତକୁ ଗଲା ରେଙ୍ଗାଲି

**ସମ୍ବଲପୁର, ୨୩।୫ (ବ୍ୟୁରୋ)**

ସମ୍ବଲପୁର ଜିଲାର ରେଙ୍ଗାଲି ନିର୍ବାଚନ ମଣ୍ଡଳୀରେ ଶିଳ୍ପ, ଜଳସେଚନ, ଚାଷ ଜମି ଥିଲେ ମଧ୍ୟ ଦୁର୍ଭାଗ୍ୟ ବଶତଃ କୌଣସି କ୍ଷେତ୍ରରେ ଆଗ୍ରଗତି ହୋଇନାହିଁ । ଭାଜପା ଏହି ସମସ୍ୟାକୁ ନେଇ ନିର୍ବାଚନ ଇସ୍ତାହାରରେ ରଖିଥିଲା । ତେଣୁ ସ୍ଥାନୀୟ ନିଯୁକ୍ତି ଓ ଜଳସେଚନକୁ ଗୁରୁତ୍ୱ ଦେବି । ଏହାସହ ଶିଳ୍ପାଞ୍ଚଳରେ ଥିବା ଉନ୍ନୟନ ପାଣ୍ଠି ଯେଭଳି ଭାବେ ସ୍ଥାନୀୟ ଅଞ୍ଚଳରେ ଖର୍ଚ୍ଚ କରାଯିବ ଓ ଉନ୍ନୟନ ମୂଳକ କାମ କରାଯିବ ତାହା ଦେଖିବି। ମୁଖ୍ୟତଃ ରେଙ୍ଗାଲି ନିର୍ବାଚନ ମଣ୍ଡଳରେ ଯେଉଁ ଗ୍ରାମକୁ ଗଲେ ପାନୀୟ ଜଳ ସମସ୍ୟା ରହିଛି । ତେଣୁ ସବୁ ଗ୍ରାମରେ ସରକାରଙ୍କ ଯୋଜନା ଗୁଡିକ ଲାଗୁ କରି ପାନୀୟ ଜଳ ସମସ୍ୟା ଦୂର କରାଯିବ । ଭେଡେନ ନଦୀ ଓ ଛୋଟ ବଡ ନଦୀରେ ଚେକଡ୍ୟାମ ତିଆରି କରି ଉଠା ଜଳସେଚନ ମାଧ୍ୟମରେ ଅଧିକ ଜମି ଚାଷ ହୋଇପାରିବ ବୋଲି ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ବିଜୟୀ ପ୍ରାର୍ଥୀ ଭାଜପା ନାଉରୀ ନାଏକ କହିଛନ୍ତି । ନାଉରୀ ୭୩,୮୨୨ ଭୋଟ ପାଇଥିବା ବେଳେ ବିଜେଡି ପ୍ରାର୍ଥିନୀ ରୀନା ତନ୍ତି ୬୭,୧୯୮, କଂଗ୍ରେସର ବାଳକୃଷ୍ଣ ରୋହିଦାସ ୯,୭୭୬, ଭାଗ୍ୟଧର ପାଣ୍ଡବ ୧୧୫୪, ସୁବଳ ସିଂ ୮୮ ଖଣ୍ଡ ଭୋଟ ପାଇଛନ୍ତି । ସେହିପରି ନୋଟାରେ ୨୪୯୨ ଭୋଟ ପଡିଛି ।

## ଫଟୋରେ ଖବର



ଗୁରୁବାର ସମ୍ବଲପୁର ସରକାରୀ ମହିଳା କଲେଜରେ ଭୋଟ ଗଣତି ଚାଲିଛି ।



ସମ୍ବଲପୁରରେ ଭାଜପା ପ୍ରାର୍ଥୀ ଜୟନାରାୟଣ ମିଶ୍ର ବିଜୟୀ ହେବା ପରେ ଉଲ୍ଲସିତ କର୍ମୀମାନେ ନୃତ୍ୟ କରୁଛନ୍ତି ।



ସମ୍ବଲପୁର ସରକାରୀ ମହିଳା କଲେଜ ଭୋଟ ଗଣତି କେନ୍ଦ୍ରକୁ ସିଆରପିଏଫ ଯବାନ ଜଗିଛନ୍ତି ।

